ପ୍ରମେୟ

ରବିବାର, ୨୩ ଫେବୃଆରୀ ୨୦୧୪

# ଆଇସିଏଆଇର ୫୫ତମ 'ଏନ୍‌ସିସି-୨୦୧୪' ଆଜିଠୁ



ଭୁବନେଶ୍ୱର,୨୨।୨(ବ୍ୟୁରୋ): ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ରବିବାର ସ୍ଥାନୀୟ ମେ ଫେୟାର ହୋଟେଲଠାରେ ଆରମ୍ଭ ହେଉଛି ୫୫ତମ ନ୍ୟାଶ୍‌ନାଲ କଷ୍ଟ କନ୍‌ଭେନସନ୍(ଏନ୍‌ସିସି) ୨୦୧୪ । ଦୁଇଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀକୁ ରାଜସ୍ୱ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ରେଭେନ୍ସା ୟୁନିଭର୍ସିଟିର କୁଳପତି ଡ. ବୈଷ୍ଣବ ଚରଣ ତ୍ରିପାଠୀ ଯୋଗଦେବାକୁ ଥିବାବେଳେ ମୁଖ୍ୟବକ୍ତା ଭାବେ ଡ. ମୃତ୍ୟୁଞ୍ଜୟ ଆର୍ଥେୟା ଯୋଗଦେବେ ବୋଲି ଶନିବାର ଆସିଏଆଇର ନୟାପଲ୍ଲୀଠାରେ ଥିବା କଟକ-ଭୁବନେଶ୍ୱର ଚାପ୍ଟରର ସିଏମ୍‌ଏ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆସିଏଆଇର ସଭାପତି ସୁରେଶ ଚନ୍ଦ୍ର ମହାନ୍ତି କହିଛନ୍ତି । ତାଙ୍କ କହିବାନୁଯାୟୀ ବୈଷୟିକ କମିଟିର ଅଧ୍ୟକ୍ଷ ଏମ୍. ଗୋପାଳକ୍ରିଷ୍ଣନ୍ କେତେକ ସ୍ୱତନ୍ତ୍ର ବିଷୟ ଉପରେ ଆଲୋକପାତ କରିବେ । ସମ୍ମିଳନୀର ପ୍ଲିନାରୀ ଅଧିବେଶନରେ ନାଲକୋ ସିଏମ୍‌ଡି ଅଂଶୁମାନ ଦାଶ, ଏଚ୍‌ଇସିର ସିଏମ୍‌ଡି ରମାବଲ୍ଲଭ ମିଶ୍ର, ଭାଇଜାଗ୍ ଷ୍ଟିଲ୍ ପ୍ଲାଣ୍ଟର ସିଏମ୍‌ଡି ଏସ୍. ମଧୁସୂଦନ, ନ୍ୟୁ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନିର ସିଏମ୍‌ଡି ଜି. ଶ୍ରୀନିବାସନ୍ ଯୋଗଦେଇ ଉଦ୍‌ବୋଧନ ଦେବେ ବୋଲି ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି । ସମ୍ମିଳନୀରେ 'କଷ୍ଟ ଓ ମୂଲ୍ୟାଙ୍କନର ପ୍ରତିଯୋଗିତା ଏବଂ ଦାୟିତ୍ୱବାନ୍ ପରିଚାଳନା ଦ୍ୱାରା ଜାତୀୟ ଉନ୍ନତି' ଶୀର୍ଷକରେ ମୁଖ୍ୟତଃ ଆଲୋଚନା ହେବ । ସାମ୍ପ୍ରତିକ ବ୍ୟବସାୟିକ ଓ ଅର୍ଥନୈତିକ ପରିସ୍ଥିତିରେ ଏହି ମହାସମ୍ମିଳନୀ ଏକ ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବ । ଏଥିରେ ବିଭିନ୍ନ ସରକାରୀ ବିଭାଗ, ଶିକ୍ଷା ଓ ଶିଳ୍ପ କ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ସେ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଆସିଏଆଇ କଟକ-ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ବି.କେ. ପଟ୍ଟନାୟକ, ଉପାଧ୍ୟକ୍ଷ ଏମ୍.ଆର. ଲେଙ୍କା ଓ କୋଷାଧ୍ୟକ୍ଷ ଦାମୋଦର ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।